# ପଞ୍ଚାୟତ ସମିତି କାର୍ଯ୍ୟାଳୟ,ବାସୁଦେବପୁର

**ବିଜ୍ଞାପନ ସଂଖ୍ୟା ୨୧୩୧ ତା ୦୪/୦୮/୨୫ ରିଖ**

ପୂର୍ବ ବିଜ୍ଞାପନ ସଂଖ୍ୟା ୯୪୧ ତା.୦୨.୦୪.୨୦୨୫ରିଖ ନିଲାମକୁ ଅପରିହାର୍ଯ୍ୟ ପରିସ୍ଥିତି କ୍ରମେ ରଦ୍ଦ କରାଯାଇ ନିଲାମ କମିଟିର ସୁପାରିସରେ ସଂଶୋଧିତ ବିଜ୍ଞାପନ ପ୍ରକାରେ ସର୍ବସାଧାରଣଙ୍କ ପୁନଃ ଅବଗତି ନିମନ୍ତେ ପ୍ରକାଶିତ ଯଥା:-

## ସର୍ତ୍ତାବଳୀ

୧. ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଦୋକାନ ଗୃହ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି । ପ୍ରତି ଦୋକାନ ଗୃହର ମୂଲ୍ୟ ଟ.୨୦୦୦/- (ଦୁଇ ହଜାର ଟଙ୍କା) ମାତ୍ର ରହିବ । ପ୍ରତି ବର୍ଷ ମୂଳ ରାଶିର ୧୦% ହାରରେ ବୃଦ୍ଧି କରାଯିବ ।

୨. ଧର୍ମଗୋଳା (Lottery) ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଅମାନତ ରାଶି ସର୍ବନିମ୍ନ ଟ.୫୦୦/- (ପାଂଚ ଶହ ଟଙ୍କା) ମାତ୍ର ପ୍ରତି ଦୋକାନଗୃହ ପିଛା ପଂଚାୟତ ସମିତିର କୋଷାଧ୍ୟକ୍ଷଙ୍କ ନିକଟରେ ଜମା କରିବେ ଯାହାକି ଗୋଟିଏ ମାତ୍ର ଦୋକାନ ଗୃହ ନିମନ୍ତେ ପ୍ରଯୁଜ୍ୟ ଅଟେ । **ଯଦି କୌଣସି ବ୍ୟକ୍ତି ଗୋଟିଏ ରୁ ଅଧିକ ଗୃହ ନିମନ୍ତେ ପ୍ରକାଶ୍ୟ ଧର୍ମଗୋଳା (Lottery) ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥାନ୍ତି ତେବେ ତାଙ୍କୁ ସେହି କ୍ରମରେ ଅଧିକ ଟ.୫୦୦/- ପୈଠ କରି ତାର ରସିଦ କୋଷାଧ୍ୟକ୍ଷଙ୍କ ଠାରୁ ସଂଗ୍ରହ କରିବେ ।** ହାରିଲେ ମଧ୍ୟ ନିର୍ଦ୍ଧାରିତ ଗୃହ ବ୍ୟତିତ ଅନ୍ୟ ଗୃହ ନିମନ୍ତେ ଧର୍ମଗୋଳାରେ ଅଂଶଗ୍ରହଣ ପାରିବେ ନାହିଁ ।

୩. Lottery ରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅମାନତ ରାଶି ଫେରସ୍ତ କରାଯିବ ନାହିଁ । Lottery ରେ ଜିତିଥିବା ବ୍ୟକ୍ତି ଦୋକାନଗୃହର ରାଶି ଦାଖଲ ପରେ ଗୋଷ୍ଠୀଉନ୍ନୟନ ଅଧିକାରୀଙ୍କ ସହିତ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରାଇବେ ।

୪. Lottery ମାଧ୍ୟମରେ ଦୋକାନ ଗୃହ ଗ୍ରହଣ କରିଥିବା ବ୍ୟକ୍ତି ଦୋକାନଗୃହର ବିଦ୍ୟୁତ ବିଲ ପୈଠ କରିବେ ।

୫. Lottery ମାଧ୍ୟମରେ ଦୋକାନ ଗୃହ ଗ୍ରହଣ କରିଥିବା ବ୍ୟକ୍ତି ୬ ମାସର ଭଡ଼ା ଅଗ୍ରୀମ ଭାବେ ପୈଠ କରିବେ ଏବଂ ପ୍ରତି ମାସରେ ୫ତାରିଖ ସୁଦ୍ଧା ଆମ ବସଷ୍ଟାଣ୍ଡ ବ୍ୟାଙ୍କ ଖାତାରେ ଜମା କରି ତାହାର ନକଲ ପଂଚାୟତ ସମିତି/ ଆମ ବସଷ୍ଟାଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ, ଏଥିରେ ବ୍ୟତିକ୍ରମ କଲେ ବା ତିନି ମାସ ଭଡ଼ା ପ୍ରଦାନରେ ଖିଲାପ କଲେ କମିଟିର ନିଷ୍ପତି କ୍ରମେ ଉକ୍ତ ଗୃହର ପୁନଃ Lottery ଆହ୍ୱାନ କରାଯିବ । ଯଦି ଦୋକାନଗୃହ ଗ୍ରହଣ କରିଥିବା ବ୍ୟକ୍ତି ବର୍ଷେ ମଧ୍ୟରେ ନିଜ ସ୍ୱଇଚ୍ଛାରେ ଦୋକାନ ଗୃହ ପରିତ୍ୟାଗ କରନ୍ତି ତେବେ ତାହା ଅନ୍ୟୁନ ୩ମାସ ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କ ଗୋଚରାର୍ଥେ ଦରଖାସ୍ତ ଦାଖଲ କରିବେ ଓ ଉକ୍ତ ଗୃହର ପରବର୍ତୀ ପର୍ଯ୍ୟାୟରେ ପ୍ରକାଶ୍ୟ ନିଲାମ/ Lottery ଆହ୍ୱାନ କରାଯିବ ।

୬. ଦୋକାନଗୃହ ଗ୍ରହଣ କରିଥିବା ବ୍ୟକ୍ତି କୌଣସି ପ୍ରକାର ଅନାଧିକୃତ / ଆଇନ ଅମାନ୍ୟ ଦ୍ରବ୍ୟ ବିକ୍ରୟ କରିପାରିବେ ନାହିଁ, ଏଥିରେ ବ୍ୟତିକ୍ରମ କଲେ କମିଟି ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।

୭. ଦୋକାନ ଗୃହ ଗ୍ରହୀତା ଗୃହର ଉପଯୁକ୍ତ ରକ୍ଷଣା ବେକ୍ଷଣ ନିମନ୍ତେ ଆଇନତଃ ଦାୟୀ ରହିବେ । ଯଦି ଦୋକାନ ଗୃହର ଉପଯୁକ୍ତ ରକ୍ଷଣାବେକ୍ଷଣ ନକରନ୍ତି ତେବେ ସମ୍ପୃକ୍ତ ଗୃହର Lottery ଯେ କୌଣସି ସମୟରେ ରଦ୍ଦ କରାଯାଇ ପୁନଶ୍ଚ Lottery ଆହ୍ୱାନ କରାଯିବ ।

୮. ଏକାଧିକ ଗୃହର ଧର୍ମଗୋଳରେ ଅଂଶଗ୍ରହଣ କରିବା ନିମନ୍ତେ ପଞ୍ଜିକୃତ ବ୍ୟକ୍ତି ବିଶେଷ **ତା.୦୬.୦୮.୨୦୨୫ରିଖ ଠାରୁ ତା.୧୬.୦୮.୨୦୨୫ରିଖ** ଅପରାହ୍ନ **ଘ୫.୩୦ମି.** ପର୍ଯ୍ୟନ୍ତ କୋଷାଧ୍ୟକ୍ଷଙ୍କ ଠାରେ ରସିଦ୍ କାଟି ପାରିବେ ତତ୍ ପରେ କୌଣସି ଅଭିଯୋଗ ଗ୍ରହଣ କରାଯାଇ ପାରିବ ନାହିଁ ।

୯. ଆମ ବସଷ୍ଟାଣ୍ଡ ଦୋକାନଗୃହର Lottery ଆସନ୍ତା ତା.୧୮.୦୮.୨୦୨୫ରିଖ ଅପରାହ୍ନ ୪ଘଟିକା ସମୟରେ ବ୍ଲକ ସମ୍ମିଳନୀ କକ୍ଷରେ ଆହ୍ୱାନ କରାଯିବ ।

୧୦. ସମସ୍ତ ପଞ୍ଜିକୃତ ବ୍ୟକ୍ତି ମାନଙ୍କୁ ଏତଦ୍ୱାରା ଅନୁରୋଧ କରାଗଲା ଯେ, ସେମାନେ Lottery କକ୍ଷକୁ ପ୍ରବେଶ କଲା ବେଳେ ରସିଦ ଓ ସେମାନଙ୍କର ଆଧାର କାର୍ଡ଼ ସାଙ୍ଗରେ ଆଣିବେ ।

୧୧. ସମସ୍ତ ପଞ୍ଜିକୃତ ବ୍ୟକ୍ତି ମାନଙ୍କୁ ଏତଦ୍ୱାରା ଅନୁରୋଧ କରାଗଲା ଯେ, Lottery କକ୍ଷକୁ ମୋବାଇଲ ଫୋନ ଆଣିବେ ନାହିଁ ବା ଏହାକୁ ଅନୁମତି ପ୍ରଦାନ କରାଯିବ ନାହିଁ ।

୧୨. ଯଦି ପଞ୍ଜିକରଣ କରିଥିବା ବ୍ୟକ୍ତି Lottery ରେ ଉପସ୍ଥିତ ନରହନ୍ତି ତେବେ ତାଙ୍କ ବଦଳରେ ଯଦି କେହି ଭାଗ ନିଅନ୍ତି ତେବେ ପଞ୍ଜିକରଣ କରିଥିବା ବ୍ୟକ୍ତିଙ୍କ ଠାରୁ ଲିଖିତ ଅନୁମତି ଆଣିବେ ।

୧୩. ଯଦି କୌଣସି ବ୍ୟକ୍ତି Lottery ସ୍ଥଳରେ ବିଶୃଙ୍ଖଳା ସୃଷ୍ଟି କରନ୍ତି, ତେବେ Lottery କମିଟି ସେହି ବ୍ୟକ୍ତିଙ୍କୁ Lottery କକ୍ଷରୁ ବାହାର କରିଦେଇ ପାରିବେ ଓ ସେହି ବ୍ୟକ୍ତି Lottery ରେ ଅଂଶଗ୍ରହଣ କରିପାରିବେ ନାହିଁ ।

୧୪. Lottery ଆହ୍ୱାନ ଦିବସରେ ଯଦି କୌଣସି କାରଣ ବଶତଃ Lottery ରଦ୍ଦ କରିବାକୁ ପଡ଼େ, ତେବେ Lottery କମିଟି ନିଜ ସ୍ୱଇଚ୍ଛାରେ ଏହାକୁ ରଦ୍ଦ କରିପାରିବେ ।

ଉପରୋକ୍ତ ସର୍ତାବଳୀକୁ ଅବମାନନା କଲେ ନିମ୍ନସ୍ୱାକ୍ଷରକାରୀ ଆଇନତଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାସୁଦେବପୁର

ଜ୍ଞାପକ ସଂଖ୍ୟା ୨୧୩୨ ତା ୦୪/୦୮/୨୫ ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ଭଦ୍ରକଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାସୁଦେବପୁର

ଜ୍ଞାପକ ସଂଖ୍ୟା ୨୧୩୩ ତା ୦୪/୦୮/୨୫ ରିଖ

ଏହାର ଏକକିତା ନକଲ ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶାଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଉପରୋକ୍ତ ବିଜ୍ଞାପନକୁ ଅନ୍ୟୁନ ଦୁଇଗୋଟି ଓଡ଼ିଆ ଖବର କାଗଜରେ ଛପାଇବେ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାସୁଦେବପୁର

ଜ୍ଞାପକ ସଂଖ୍ୟା ୨୧୩୪ ତା ୦୪/୦୮/୨୫ ରିଖ

ଏହାର ଏକକିତା ନକଲ DIO, NIC, ଭଦ୍ରକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଏହାକୁ bhadrak.nic.in Portal ରେ upload କରିବାକୁ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାସୁଦେବପୁର